## ସାପ୍ତାହିକ କାର୍ଯ୍ୟକ୍ରମ

୫।୧।୨୦୨୦
**ଅନୁଗୋଳ**
■କ୍ୟାମେରା ପ୍ରଦର୍ଶନୀ
ସ୍ଥାନ: ଇକୋ ପାର୍କ
ସମୟ: ଅପରାହ୍ନ ୫ଟା।
■ଶାମ୍ବ ଦଶମୀ
ସ୍ଥାନ: ଦେବାଳୟ
ସମୟ: ପୂର୍ବାହ୍ନ ୧୧ଟା।
**ବଅଁରପାଳ**
■ନାଲ୍କୋ ଏସ୍‌ସିଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘର ନିର୍ବାଚନ
ସ୍ଥାନ: ନାଲ୍କୋ ସଂଘ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୮ଟା।
୬।୧।୨୦୨୦
**ବଅଁରପାଳ**
■ନେପୁର ବୈଠକ
ସ୍ଥାନ: ନେପୁ କାର୍ଯ୍ୟାଳୟ
ସମୟ: ସନ୍ଧ୍ୟା ୭ଟା।
୭।୧।୨୦୨୦
**ଅନୁଗୋଳ**
■ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ-୨୦୨୦
ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ
ସମୟ: ପୂର୍ବାହ୍ନ ୯ଟା।
**ବଅଁରପାଳ**
■ନାଲ୍କୋ ପ୍ରତିଷ୍ଠା ଦିବସ
ସ୍ଥାନ: ନାଲ୍କୋ ପ୍ଲାଣ୍ଟ ପରିସର
ସମୟ: ସନ୍ଧ୍ୟା ୭ଟା।
୯।୧।୨୦୨୦
**ବଅଁରପାଳ**
■ପୌଷ ପୂର୍ଣ୍ଣିମା ଯାତ୍ରା
ସ୍ଥାନ: ବୁଢ଼ାପଙ୍କ
ସମୟ: ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଜାନୁୟାରୀ ପାଇଁ ଜନଶୁଣାଣି ଦିନ ଧାର୍ଯ୍ୟ

**ଢେଙ୍କାନାଳ ଅଫିସ, ୪।୧:** ଜାନୁୟାରୀରେ ଜନଶୁଣାଣି ଶିବିର ଲାଗି ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି। ତଦନୁଯାୟୀ ୬ ତାରିଖରେ ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ୧୩ରେ କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ୨୦ରେ ଗଁଦିଆ ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ତାରିଖରେ ଭୁବନ ବ୍ଲକ କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିବେ। ସେସବୁର ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ଜାତୀୟ ସଂହତି ଶିବିର ଦ୍ୱିତୀୟ ଦିବସ

# 'ଭ୍ରାତୃଭାବ ମଣିଷପଣିଆ ସୃଷ୍ଟି କରିବ'

**କାମାକ୍ଷାନଗର, ୪।୧(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

■୫୪ ୟୁନିଟ୍ ରକ୍ତ ସଂଗ୍ରହ
■ପ୍ରଦର୍ଶିତ ହେଲା ଗାଁ ହାଟ

ଏବେକାର ସମାଜରେ ଜାତୀୟ ସଂହତି ଏବଂ ସ୍ୱାଭିମାନର ଘୋର ଅଭାବ ରହିଛି। ଏହାର ପ୍ରତିକୂଳ ପ୍ରଭାବ ସାମାଜିକ ବିଧି ବ୍ୟବସ୍ଥା ଉପରେ ପଡୁଛି। ଏହାକୁ ପରିପୂରଣ କରିବାକୁ ଜାତୀୟ ସଂହତି ଶିବିର ଆୟୋଜନ କରାଯାଉଛି। ସମସ୍ତଙ୍କ ମନରେ ଜାତୀୟତା ଏବଂ ଭ୍ରାତୃଭାବ ସୃଷ୍ଟି ହେଲେ ଖାଲି ମଣିଷ ନୁହେଁ, ମଣିଷପଣିଆ ଥିବା ସମାଜ ସୃଷ୍ଟି ହୋଇପାରିବ ବୋଲି କହିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। କାମାକ୍ଷାନଗର କାନପୁରସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଜାତୀୟ ସଂହତି ଦିବସର ଶନିବାର ଦ୍ୱିତୀୟ ଦିବସରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ସେ ଏହା କହିଥିଲେ।

ଡିଇଓ ତଥା ସ୍କାଉଟ୍ସ-ଗାଇଡ୍ସ ଜିଲା ମୁଖ୍ୟ କମିଶନର ସୁଧାନନ୍ଦ ପରିଡ଼ା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଶିବିରାର୍ଥୀଙ୍କ ଆଚରଣ-ଉଚ୍ଚାରଣରେ ଶାଳୀନତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଏବଂ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଜିଲା ଶିଶୁ ସୁରକ୍ଷା କମିଟି ସଭ୍ୟ ନିରଞ୍ଜନ ମିଶ୍ର, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ବିଇଓ ଅଜୟ ପାତ୍ର, ଶିକ୍ଷାବିତ୍ ମାୟାଧର ପାଣି, ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲା ସ୍କାଉଟ୍ସ-ଗାଇଡ୍ସ ସମ୍ପାଦକ ସୌଦାମିନୀ ଦାସ, ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକାରୀ ସମ୍ପାଦକ ଶ୍ରୀରାମ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କ ଦ୍ୱାରା ଗାଁ ହାଟ ପ୍ରଦର୍ଶିତ ହୋଇଥିଲା। ଏଠାରେ ଜିଲାର ପାରମ୍ପରିକ ଖାଦ୍ୟ ଏବଂ ହସ୍ତଶିଳ୍ପ ସ୍ଥାନ ପାଇଥିଲା। ପ୍ରଥମାର୍ଦ୍ଧରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ୫ ଦମ୍ପତି ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ଏହାକୁ ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଥାନାଧିକାରୀ ଅଭିନବ ଡାଲୁଆ ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୬ ତାରିଖ ଯାଏ ଚାଲିବାକୁ ଥିବା ଏହି ଶିବିରରେ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବହୁମୂଲ୍ୟ ପରାମର୍ଶ ଦେଉଛନ୍ତି। ସ୍କାଉଟ୍ସ ମାଷ୍ଟର ବିପିନ ବିହାରୀ ସାହୁ, ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ସମରେନ୍ଦ୍ର ନାୟକ, ନିରଞ୍ଜନ ସାହୁ, କବିତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ବୋହୂର ସ୍ୱୀକୃତି ଦାବି କଲେ ଯୁବତୀ

**ପରଜଙ୍ଗ, ୪।୧୨(ଡି.ଏନ.ଏ.)**



■ପ୍ରେମିକଙ୍କ ଘର ବାରଣ୍ଡାରେ ଧାରଣା ଜାରି
■ପଦକ୍ଷେପ ନ ନେଲେ ଆତ୍ମହତ୍ୟା ଚେତାବନୀ

ବୋହୂର ସ୍ୱୀକୃତି ଦାବିକରି ଜଣେ ଯୁବତୀ ପ୍ରେମିକଙ୍କ ଘର ବାରଣ୍ଡାରେ ଦୁଇଦିନ ହେଲା ଧାରଣାରେ ବସିବା ଘଟଣା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି। ନ୍ୟାୟ ନ ମିଳିଲେ ପୀଡ଼ିତା ଜଣକ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୁକ୍ତ ପ୍ରେମିକ ଫେରାର ଥିବାବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ଘର ମହାବିରୋଡ ଫାଣ୍ଡି ଅଞ୍ଚଳରେ। ଆମ୍ବପଳାସ ଗ୍ରାମର ସୂର୍ଯ୍ୟକାନ୍ତ ସାହୁ ଓରଫ୍ ପପୁଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ବିବାହ ପ୍ରତିଶ୍ରୁତି ଦେଇ ସେ ୩ ବର୍ଷ ହେଲା ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଯୁବତୀ ଜଣକ ବିବାହ କରିବାକୁ କହିବାରୁ ଧରା ଛୁଆଁ ଦେଉ ନ ଥିଲେ। ଏଥିରେ ନିରାଶ ହୋଇ ସେ ଡିସେମ୍ବର ୨୨ରେ ଆମ୍ବପଳାସ ଆସି ଯୁବକଙ୍କ ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ଏଥିସହ ବୋହୂ ସ୍ୱୀକୃତି ଦେବାକୁ ଅଡ଼ି ବସିଥିଲେ। ତେବେ ସନ୍ଧ୍ୟାରେ ପପୁଙ୍କ ପରିବାର ଲୋକେ ତାଙ୍କୁ ମାଡ଼ ମାରିଥିଲେ। ମୋବାଇଲ ଭାଙ୍ଗିଦେବା ସହ ଜୋରଜବରଦସ୍ତ ବାଇକ୍‌ରେ ବସାଇ ଯୁବତୀଙ୍କ ଗାଁ ମୁଣ୍ଡରେ ଛାଡ଼ି ଆସିଥିଲେ। ଘଟଣା ସମ୍ପର୍କରେ ପୀଡ଼ିତା ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଉଭୟ ପକ୍ଷଙ୍କୁ ଡକାଇ ଏହାର ସମାଧାନ କରିଥିଲା। ଯୁବକଙ୍କ ପରିବାର ଯୁବତୀଙ୍କୁ ବୋହୂ କରି ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରେ ସେମାନେ ଆଉ ଧରାଛୁଆଁ ଦେଉନାହାନ୍ତି। ଏହାର ପ୍ରତିବାଦରେ ଯୁବତୀ ଜଣକ ଶୁକ୍ରବାର ପୁନର୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଘରକୁ ଫେରିବା ବଦଳରେ ଆମ୍ବପଳାସ ଯାଇ ଯୁବକଙ୍କ ଘର ବାରଣ୍ଡାରେ ବସି ରହିଛନ୍ତି। ଅନ୍ୟପଟେ ଯୁବତୀଙ୍କୁ ଦେଖି ଅଭିଯୁକ୍ତ ପ୍ରେମିକଙ୍କ ପରିବାର ଲୋକେ ଫେରାର ହୋଇଯାଇଛନ୍ତି।

ଏ ନେଇ ଯୁବତୀ ଜଣକ କୁହନ୍ତି, ରବିବାର ଯାଏ ସେ ଅପେକ୍ଷା କରିବେ। ଯୁବକଙ୍କ ପରିବାର ଲୋକେ ନ ଆସିଲେ ତାଲା ଭାଙ୍ଗି ଘରେ ପଶିବେ। ଏଥିରେ ବ୍ୟାଘାତ ଦେଲେ ଆତ୍ମହତ୍ୟା କରିବେ। ଥାନାଧିକାରୀ ବିଜୟ କୁମାର ହାଇବ୍ରୁ କୁହନ୍ତି, ଅଭିଯୋଗ ହୋଇଛି। ଅଭିଯୁକ୍ତ ପ୍ରେମିକ ଫେରାର ଅଛନ୍ତି। ଘଟଣାର ତଦନ୍ତ ଚାଲିଛି।

■ସୁବାସ ମେମୋରିଆଲ କ୍ରିକେଟ

# ଫାଇନାଲରେ ପ୍ରଗତି ସ୍ପୋର୍ଟିଂ


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୪।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡାପଡ଼ା ଗ୍ରାମରେ ମା' ଅନ୍ଧାରୀ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ୧୦ତମ ରାଜ୍ୟସ୍ତରୀୟ ସୁବାସ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ୱାଇସିସି ତାଳଚେରକୁ ହରାଇ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ତାଳଚେର ଦଳ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୦୬ ରନ୍। ଅରବିନ୍ଦ ସିଂ ୬୬, ରୋଶନ ସ୍ୱାଇଁ ୩୧ ରନ୍ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୪.୩ ଓଭରରେ ୮ ଉଇକେଟ ବିନିମୟରେ ୨୧୨ ରନ୍ କରି ବିଜୟୀ ହୋଇଥିଲା। ରଘୁନାଥ ମଲ୍ଲ ୭୦ ଏବଂ ଆଶିଷ ସାହୁ ୬୦ ରନ୍ କରିଥିଲେ। ମ୍ୟାଚ୍ ବିଜୟୀ ଇଂନିସ୍ ପାଇଁ ଆଶିଷଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ବିମଳ ରାଉତ, ସଞ୍ଜୟ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ବୀରେନ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ପ୍ରଗତି ସ୍ପୋର୍ଟିଂ ଏବଂ ଏସିସି ଅନୁଗୋଳ ମଧ୍ୟରେ ଖେଳାଯିବ।

## ଚୋରି ସାଇକେଲ ଉଦ୍ଧାର, ଅଭିଯୁକ୍ତ ଗିରଫ

**କଣିହାଁ,୪।୧(ଡି.ଏନ.ଏ.)**

ସାଇକେଲ ଚୋରି ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ବାଲିଝରଣ ଗ୍ରାମର ଦୁଃଖବନ୍ଧୁ ସାହୁଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗତ ୨ ତାରିଖରେ ମହୀଧରପୁର ଗ୍ରାମର ଅରୁଣ ମହାରଣା ଓ ଗୋବିନ୍ଦ ସାହୁଙ୍କ ସାଇକେଲ ଚୋରିକୁ ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ପୋଲିସ ଦୁଃଖବନ୍ଧୁ ଗିରଫ କରଛି। ତାଙ୍କଠାରୁ ଚୋରି ସାଇକେଲ ଜବତ କରାଯାଇଛି। ସେହିପରି ଗହମ ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଘର ସାମ୍ନାରେ ଦେଶୀମଦ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ। ଏ ନେଇ ନଂ. ୧/୨୦ରେ ମାମଲା ରୁଜୁ କରାଯାଇ ମଦ ଜବତ କରାଯାଇଛି। ତେବେ ବ୍ୟକ୍ତିଗତ ମୁଚାଲିକାରେ ଗିରଫ ପରେ ସମ୍ପୃକ୍ତ ଅଭିଯୁକ୍ତ ଦିବ୍ୟାଙ୍ଗଙ୍କୁ ଥାନାରୁ ଛାଡ଼ି ଦିଆଯାଇଛି।







■୨୨ରେ ନିଯୁକ୍ତି ମେଳା

# ବ୍ୟାପକ ପ୍ରଚାର ଉପରେ ଫୋକସ୍



ଜିଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ଆୟୋଜିତ ବୈଠକ।

**ଢେଙ୍କାନାଳ ଅଫିସ, ୪।୧**

■ଯୋଗଦେବେ ରାଜ୍ୟ ବାହାରର ପ୍ରତିଷ୍ଠିତ କମ୍ପାନୀ
■ବ୍ଲକରୁ ସର୍ବନିମ୍ନ ୪୦୦ ପ୍ରାର୍ଥୀ ସାମିଲ ହେବାକୁ ଗୁରୁତ୍ୱ

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଆସନ୍ତା ୨୨ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ଏହି ଉପଲକ୍ଷେ ଶନିବାର ପୂର୍ବାହ୍ନ ୧୧ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ମେଳାରେ ଭାଗନେବାକୁ ନିବେଦନ କରିଥିଲେ। ଏଥିସହ ନିଯୁକ୍ତି ମେଳାରେ ବ୍ଲକରୁ ସର୍ବନିମ୍ନ ୪୦୦ ପ୍ରାର୍ଥୀ ଅଂଶଗ୍ରହଣ କରିବା ଏବଂ ବ୍ୟାପକ ପ୍ରଚାର ପ୍ରସାର କରିବା ଉପରେ ଫୋକସ୍ କରିବାକୁ ସେ ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି।

ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦେବେ। ୫ମରୁ ସ୍ନାତକ ଶ୍ରେଣୀ, ଆଇଟିଆଇ, ଡିପ୍ଲୋମା ପଢ଼ିଥିବା ପିଲାଙ୍କୁ ଯୋଗ୍ୟତା ଭିତ୍ତିରେ ବିଭିନ୍ନ ପଦବୀ ପାଇଁ ଚୟନ କରାଯିବ। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ପଞ୍ଚାୟତ ପ୍ରତିନିଧି, କଲେଜ କର୍ତ୍ତୃପକ୍ଷ, ଶିକ୍ଷାନୁଷ୍ଠାନ ସହଯୋଗରେ ନିଯୁକ୍ତି ମେଳାର ପ୍ରଚାର କରାଯିବ। ଜିଲା କ୍ରୀଡ଼ା ଅଧିକାରୀଙ୍କ ସହଯୋଗରେ ବିଜୁ ଯୁବ ବାହିନୀ କର୍ମକର୍ତ୍ତାମାନେ ପ୍ରଚାରରେ ନିୟୋଜିତ ହେବେ।

ବୈଠକରେ ସରକାରୀ ଆଇଟିଆଇ, ପଲିଟେକ୍‌ନିକ୍, ଜନଶିକ୍ଷଣ ସଂସ୍ଥା, ଓରମାସ୍, ଆରଆଇସି ଜିଏମ୍, ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ, କ୍ରୀଡ଼ା ବିଭାଗ, ଟାଟା ଷ୍ଟିଲ ବିଏସ୍‌ଏଲ୍, ଏମ୍‌ଜିଏମ୍ ମିନେରାଲ, ରୁଙ୍ଗ୍‌ଟା ମାଇନ୍ସ, ଶକ୍ତି ସୁଗାର୍ସ, ଉତ୍କଳ ଆଜବେଷ୍ଟସ, ମାଙ୍ଗିଲାଲ ରୁଙ୍ଗ୍‌ଟାର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ବୈଠକ ପରିଚାଳନା କରିଥିବାବେଳେ ସରକାରୀ ଆଇଟିଆଇ ଟ୍ରେନିଂ ଅଫିସର ଅରୁଣ କୁମାର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

■ଯୁବକଙ୍କୁ କନଷ୍ଟେବଲଙ୍କ ମାଡ଼ ଅଭିଯୋଗ

# ଉତ୍ତେଜନା, ଫାଣ୍ଡି ଆଗରେ ଧାରଣା

**ଭୁବନ, ୪।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅଧୀନ ସୁରପ୍ରତାପପୁର ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ଜଣେ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଅଭିଯୁକ୍ତ କନଷ୍ଟେବଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଫାଣ୍ଡି ଆଗରେ ଧାରଣା ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

ଥାନାରେ ଗ୍ରାମବାସୀ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଗ୍ରାମର ରଣଜିତ ଦଳେଇ (୨୦) ଅପରାହ୍ନରେ କିଛି ଖାଦ୍ୟ ସାମଗ୍ରୀ ନେଇ ସୁରପ୍ରତାପପୁର ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ କନଷ୍ଟେବଲ ଅଜୟ ନାୟକ ଆସି ଉକ୍ତ ଖାଦ୍ୟକୁ ଗୋଇଠା ମାରିଥିଲେ। ନିଶାସକ୍ତ ଅବସ୍ଥାରେ ସେ ଏପରି କରିଥିବା ରଣଜିତ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଫାଣ୍ଡି ପରିସରରେ ଏକାଠି ହୋଇ ନାରାବାଜି କରିଥିଲେ। ପରିସ୍ଥିତି ବିଗୁଡୁଥିବା ଦେଖି କନଷ୍ଟେବଲ ଫାଣ୍ଡିରୁ ପଳାଇଥିଲେ।

ଏ ନେଇ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ କୁହନ୍ତି, ଅଭିଯୋଗ ଆଧାରରେ ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଫାଣ୍ଡି ଆଗରେ ଗ୍ରାମବାସୀ ନାରାବାଜି କରୁଛନ୍ତି।






## ସଂକ୍ଷେପରେ

### ଗହମ ଗ୍ରାମରେ ହାତୀ ଉପଦ୍ରବ



ପବିତ୍ରନଗର,୪।୧(ଡି.ଏନ.ଏ.) ଅନୁଗୋଳ ଜିଲା ତାଳଚେର ରେଞ୍ଜ ଶିପୁର ସେକ୍ସନ ଗହମ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗ୍ରାମର ତୀର୍ଥବାସୀ ପ୍ରଧାନ, ବାବୁଲି ବିଶ୍ୱାଳ, ସାଗର ବିଶ୍ୱାଳ, ପଞ୍ଚାନନ ସାହୁ ପ୍ରମୁଖଙ୍କ ପନିପରିବା, ଆଖୁ ଫସଲ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ହାତୀକୁ ଘଉଡାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିଳମ୍ବିତ ରାତିରେ ହାତୀଟି ଗହମ ଗ୍ରାମର ପୁରୁଣାସାହି ପାଖରୁ ଆସି ଜଙ୍ଗଲ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଏ ନେଇ ଶିପୁର ସେକ୍ସନ ଫରେଷ୍ଟର ବିଷ୍ଣୁପ୍ରସାଦ ପାଣି କହିଛନ୍ତି, ହାତୀର ଗତିବିଧି ଉପରେ ନଜର ରହିଛି। ଜନବସତି ଅଞ୍ଚଳକୁ କିପରି ନ ଆସିବ ସେଥିପାଇଁ ବିଭାଗ ତରଫରୁ ପାଟ୍ରୋଲିଂ କରାଯାଉଛି। ଶନିବାର ସନ୍ଧ୍ୟା ୮ଟାରେ ବିରୁ ଗ୍ରାମ ନିକଟରେ ହାତୀ ରହିଛି। ବିଭାଗୀୟ କର୍ମଚାରୀମାନେ ଘଉଡାଇବା ପାଇଁ ଉଦ୍ୟମ ଚଳାଇଥିବା ଖବର ମିଳିଛି।

### ବଲାଙ୍ଗୀ ନିକଟରେ ପକ୍ଷୀ ଗଣନା

ତାଳଚେର,୪।୧(ନି.ପ୍ର.): ତାଳଚେର ବନ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀ ସମଲ ବ୍ୟାରେଜର ବଲାଙ୍ଗୀ ଗ୍ରାମ ନିକଟରେ ୨ ଗୋଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ଏସିଏଫ ବାସୁଦେବ ନାୟକଙ୍କ ନେତୃତ୍ୱରେ ୨ଟି ଟିମ୍ ସାମିଲ ହୋଇ ସକାଳ ୬ଟାରୁ ପକ୍ଷୀ ଗଣନା ଆରମ୍ଭ କରିଥିଲେ। ତେବେ ବର୍ଷା ଓ କୋହଲା ପାଗ ଯୋଗୁ ଗଣନା ବାଧାପ୍ରାପ୍ତ ହୋଇଥିଲା। ଲିଟିଲ ଇଗ୍ରେଟ, କମନ ପୋଚରଡ, ଲିଟିଲ ଗ୍ରିଭ, ଲିଟିଲ କମ୍ରୋରେଟ, କମନ ଟିଲ, କିଙ୍ଗ ଫିସର, ବ୍ଲାକ ଡ୍ରଙ୍ଗୋ ସମେତ ୧୬ଟି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା। ସମୁଦାୟ ୨୯୦୭ ପକ୍ଷୀ ଗଣନା କରାଯାଇଥିବା ରେଞ୍ଜର ହିମାନୀ ନାୟକ ସୂଚନା ଦେଇଛନ୍ତି। ବନକର୍ମଚାରୀ ସହଯୋଗ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ବଇଣ୍ଡା,୪।୧(ଡି.ଏନ.ଏ.): କିଶୋରନଗର ହାଇସ୍କୁଲର ୨୦୦୯ ମାଟ୍ରିକ୍ ବ୍ୟାଚର ଛାତ୍ରୀଛାତ୍ରମାନଙ୍କୁ ନେଇ ଶୁକ୍ରବାର କିଶୋରନଗରସ୍ଥିତ ବିଜୁ ସ୍ମୃତି ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପିଣ୍ଟୁ ସାହୁଙ୍କ ସଭାପତିତ୍ୱରେ ଏହି ବୈଠକରେ ଅମିତ ବିଶ୍ୱାଳ, କାଳିଆ ସେନାପତି, ନବକିଶୋର ସାହୁ, ଶୁଭ୍ରାଂଶୁ ସେନାପତିଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଛାତ୍ରୀଙ୍କ ତଣ୍ଟି କାଟିଥିବା ଶିକ୍ଷକ ପଶ୍ଚିମବଙ୍ଗରୁ ଗିରଫ

ଭୋଗରାଇ, ୪।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦେହୁର୍ଦ୍ଧା ଗ୍ରାମର ବିଶ୍ୱଜିତ୍ ନାଥ (୨୮) ନାମକ ଟ୍ୟୁଶନ ଶିକ୍ଷକ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଗତ ୨ ତାରିଖ ରାତିରେ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଭୋଗରାଇ ଥାନା ଅଧିକାରୀ ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ପୋଲିସ ତନାଘନା କରି ଶନିବାର ବିଶ୍ୱଜିତ୍‌ଙ୍କୁ ପଶ୍ଚିମବଙ୍ଗ ବେଲଦା ନିକଟସ୍ଥ ଖାକୁରଦାରୁ ଗିରଫ କରିଛନ୍ତି। ଗିରଫ ଯୁବକଙ୍କ ବିରୋଧରେ ଏକ ମାମଲା(ନଂ.୨/୨୦) ରୁଜୁ କରାଯାଇଛି। ତାଙ୍କୁ ଭୋଗରାଇ ଥାନାକୁ ଆଣି ପୋଲିସ ଅଧିକ ତଥ୍ୟ ସଂଗ୍ରହ ପାଇଁ ପଚରାଉଚୁରା କରୁଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଛାତ୍ରୀ ଏବେ ବିପଦମୁକ୍ତ ବୋଲି ପରିବାର ଲୋକେ କହିଛନ୍ତି। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

---

■ ସହରରେ ମାତିଲେ ଡକାୟତ

# ଆକ୍ରମଣରେ ୪ ଫାଇନାନ୍ସ କର୍ମଚାରୀ ଗୁରୁତର

ଢେଙ୍କାନାଳ ଅଫିସ, ୪।୧



ଦୁର୍ବୃତ୍ତଙ୍କ ମାଡରେ ଆହତ ଫାଇନାନ୍ସ କର୍ମଚାରୀମାନେ।

ଢେଙ୍କାନାଳ ସହରର ଅନ୍ୟତମ ଜନବହୁଳପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ କୁଞ୍ଜକାନ୍ତ ଲଳିତ ନଗରରେ ଶନିବାର ରାତି ୯ଟାରେ ସଶସ୍ତ୍ର ଡକାୟତି ହୋଇଛି। କଳାମୁଖା ଏବଂ ହେଲ୍‌ମେଟ ପିନ୍ଧିଥିବା ୭ଜଣ ଦୁର୍ବୃତ୍ତ ସେଣ୍ଟ୍ରମ୍ ମାଇକ୍ରୋ କ୍ରେଡିଟ୍ ଫାଇନାନ୍ସ କାର୍ଯ୍ୟାଳୟରେ ପଶି ଆତଙ୍କରାଜ ସୃଷ୍ଟି କରିବା ସହ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି କାର୍ଯ୍ୟାଳୟ ପରିଚାଳକ ତଥା ଭଞ୍ଜନଗରର ସୁନେଶ ପ୍ରଧାନ (୩୭), ଭଦ୍ରକ ଅଞ୍ଚଳର ସହକାରୀ ପରିଚାଳକ ପ୍ରକାଶ କୁମାର ପାଢ଼ୀ (୨୬), କର୍ମଚାରୀ ଜଗମୋହନ ଦାସ (୨୪) ଏବଂ ନିର୍ମଳ ରାଉତ (୨୧)। ଜଗମୋହନଙ୍କ ଘର ପୁରୀ ଏବଂ ନିର୍ମଳଙ୍କ ଭଦ୍ରକରେ ବୋଲି ଜଣାପଡ଼ିଛି।

ସୁନେଶଙ୍କ କହିବା କଥା, ରାତି ପ୍ରାୟ ୯ଟାରେ ୭ଜଣ ଅଭିଯୁକ୍ତ ମୁଣ୍ଡରେ ହେଲମେଟ୍ ଏବଂ ମୁହଁରେ କଳାକପଡ଼ା ପିନ୍ଧି ହଠାତ୍ କାର୍ଯ୍ୟାଳୟକୁ ପଶିଥିଲେ। କଟୁରି ଏବଂ ଜିଆଇ ପାଇପ୍‌ରେ ସେମାନେ ଅତର୍କିତ ଆକ୍ରମଣ କରିବା ସହ ନିସ୍ଥୁକ ପିଟିଥିଲେ। ଏହାପରେ କର୍ମଚାରୀଙ୍କଠାରୁ ୨ଟି ଲାପଟପ୍, ୬ଟି ମୋବାଇଲ, ୬ଟି ହାତ ଘଣ୍ଟା, ନଗଦ ୫ ହଜାର ଟଙ୍କା ସହ ସୁନାମୁଦି, କାନଫୁଲ ଏବଂ ମଙ୍ଗଳସୂତ୍ର ଲୁଟି ନେଇଥିଲେ। ଯିବା ପୂର୍ବରୁ ବାହାରପଟୁ କବାଟ ବନ୍ଦ କରିଦେଇଥିଲେ। ବହୁକଷ୍ଟରେ କର୍ମଚାରୀମାନେ କବାଟ ଭାଙ୍ଗି ପଦାକୁ ଆସିବା ପରେ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

ସହରର ଜନଗହଳିପୂର୍ଣ୍ଣ ସ୍ଥାନରୁ ଏପରି ଡକାୟତି ସାଧାରଣରେ ଆତଙ୍କ ସୃଷ୍ଟି କରିଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ପୋଲିସ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ ତଦନ୍ତ ଆରମ୍ଭ କରିଛି।

■ ହେଲ୍‌ମେଟ, କଳାମୁଖା ପିନ୍ଧି ଆସିଥିଲେ

■ ନେଇଗଲେ ଲାପ୍‌ଟପ୍, ମୋବାଇଲ, ଗହଣା

---

■ ଦିନରେ ପୋଲିସକୁ ଦୁର୍ବୃତ୍ତଙ୍କ ଚ୍ୟାଲେଞ୍ଜ

# ୬ ଲକ୍ଷ ଟଙ୍କାର ଗହଣା ଚୋରି

ଅନୁଗୋଳ ଅଫିସ, ୪।୧

ସ୍ପଷ୍ଟ ଦିବାଲୋକରେ ଶନିବାର ଅନୁଗୋଳ ପୋଲିସକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ। ଅନୁଗୋଳ ଇଣ୍ଡଷ୍ଟ୍ରିଆଲଷ୍ଟ୍ରିଟରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଚୋରାଇ ନେଇଛନ୍ତି। ଏ ନେଇ ବ୍ୟବସାୟୀ ଭି.ଶିବାନନ୍ଦ ରାଓ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ସହରର ଇଣ୍ଡଷ୍ଟ୍ରିଆଲ ଛକରେ ଥିବା ଶିବାନନ୍ଦଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଏହି ଚୋରି ହୋଇଛି। ଶିବାନନ୍ଦ କୌଣସି କାର୍ଯ୍ୟରେ ଘରୁ ବାହାରକୁ ଯାଇଥିବାବେଳେ ତାଙ୍କ ସ୍ତ୍ରୀ ବିଦ୍ୟାଳୟକୁ ଯାଇଥିଲେ। ବିଦେଶରୁ ଫେରିଥିବା ଝିଅ ବ୍ୟାଙ୍କ କାମରେ ପୂର୍ବାହ୍ନ ୧୧ଟା ୪୫ରେ ଘରୁ ବାହାରି ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି କଳାକନା ବୁଲାଇଥିବା ଥାନାରେ ଅଭିଯୋଗ ହୋଇଛି। ଶିବାନନ୍ଦ ମଧ୍ୟାହ୍ନରେ ପହଞ୍ଚିବା ବେଳକୁ ଆଲମାରି ଖୋଲାପଡ଼ିଥିଲା। ତୁରନ୍ତ ସେ ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଘରୁ ୪ଟି ସୁନା ହାର ସହ ୪ଟି ମୁଦି, ଏଟିଏମ୍ କାର୍ଡ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏସ୍‌ଆଇ ପ୍ରକାଶଚନ୍ଦ୍ର ମାଝିଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। କେହି ପରିଚିତ ଲୋକ ପଛ କବାଟ ଭାଙ୍ଗି ଏହି ଚୋରି କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା ସୂଚନା ଦେଇଛି।



ତଡା ଯାଇଥିବା ଲୁହା ଆଲମିରା।

---

## ଅପହୃତା ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

ରୂପ୍‌ସା, ୪।୧(ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଶନିବାର ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଦୀପକ ମାଝିଙ୍କୁ ଗିରଫ କରିଛି। ତାଙ୍କ ଘର ବାହାର୍ଦ୍ଧା ଗ୍ରାମରେ। ଏଥିସହ ଅଭିଯୁକ୍ତଙ୍କ ଘରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଭୟ ଅପହୃତା ଓ ଅପହରଣକାରୀଙ୍କ ଡାକ୍ତରୀମାଇନା କରାଯାଇଛି। ଏସ୍‌ଡ଼ିଜେଏମ୍ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ଼ ପରେ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୧ତାରିଖରେ ନାବାଳିକାଙ୍କୁ ଦୀପକ ଅପହରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଶୁକ୍ରବାର ଥାନାରେ ଏକ ମାମଲା (ନଂ. ୧/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଉମାକାନ୍ତ ଧଳ ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଦୀପକ ମାଝୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

---

■ ମହିଳା ଫରେଷ୍ଟରଙ୍କୁ ବଳାତ୍କାର ଅଭିଯୋଗ ଘଟଣା

# ଗିରଫ କିରାଣିଙ୍କ ଛୁଟି ଦରଖାସ୍ତକୁ ନେଇ ଚର୍ଚ୍ଚା

ଅନୁଗୋଳ ଅଫିସ, ୪।୧

ଜଣେ ମହିଳା ଫରେଷ୍ଟରଙ୍କୁ ବ୍ଲାକମେଲ ଓ ବଳାତ୍କାର କରିବା ଅଭିଯୋଗରେ ଶୁକ୍ରବାର ଗିରଫ ହୋଇଥିବା ଅନୁଗୋଳସ୍ଥିତ ଫରେଷ୍ଟ ରେଞ୍ଜର କଲେଜର କନିଷ୍ଠ କିରାଣି ବିଶ୍ୱଜିତ ନାଏକ ଥାନାରେ ଥାଇ ଛୁଟି ଦରଖାସ୍ତ ପଠାଇବା ଶନିବାର ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଗୁରୁବାର ରାତିରୁ ତାଙ୍କୁ ଥାନାରେ ଅଟକ ରଖିଥିବାବେଳେ ଶୁକ୍ରବାର ସେ କିପରି ଫରେଷ୍ଟ ରେଞ୍ଜର କଲେଜକୁ ୨ ଦିନିଆ ଛୁଟି ଦରଖାସ୍ତ ପଠାଇଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଦରଖାସ୍ତ ଓ ସେଥିରେ ଥିବା ଦସ୍ତଖତ ମେଳ ଖାଉ ନ ଥିବାରୁ ତାହା ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି। ଥାନାରେ କେହି ଅଟକ ଥିବା ବେଳେ କୌଣସି କାଗଜପତ୍ରରେ ଦସ୍ତଖତ ନିଆଯିବାର ନିୟମ ନ ଥିବାରୁ ସମ୍ପୃକ୍ତ କିରାଣିଙ୍କ ଦସ୍ତଖତ ଥିବା ଦରଖାସ୍ତ କିପରି ରେଞ୍ଜର କଲେଜରେ ପହଞ୍ଚିଲା ତାହା ଆଲୋଚନାର ବିଷୟ ହୋଇଛି। ଏହାକୁ ଫରେଷ୍ଟ ରେଞ୍ଜର କଲେଜର ପ୍ରିନ୍ସିପାଲ ମଧ୍ୟ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ଉକ୍ତ ଦରଖାସ୍ତ ଅନ୍ୟ ଜଣେ ଲେଖିଥିବାବେଳେ ବିଶ୍ୱଜିତ ଦସ୍ତଖତ କରିଥିବା ସେ କହିଛନ୍ତି। ତେବେ ପୋଲିସ ବିଶ୍ୱଜିତଙ୍କ ଗିରଫ ସମ୍ପର୍କରେ କଲେଜକୁ ସୂଚନା ଦେବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରିନ୍ସିପାଲ ଭି.କାର୍ତ୍ତିକ ସୂଚନା ଦେଇଛନ୍ତି।

ଥାନା ଭିତରେ ଅଭିଯୁକ୍ତଙ୍କ ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବାବେଳେ ଜଣେ ସେଣ୍ଟ୍ରିଙ୍କୁ ମଧ୍ୟ ଦାୟିତ୍ୱରେ ରଖାଯାଉଛି। ସେହିପରି ଥାନା ବାରଣ୍ଡାରେ ଜଣେ ଡିସିଓ ମଧ୍ୟ ବସୁଛନ୍ତି। କୌଣସି ବ୍ୟକ୍ତି ଥାନାକୁ କାହିଁକି ଆସିଛନ୍ତି ତାହା ବୁଝିବା ସହ ଅଭିଯୋଗପତ୍ର ଥିଲେ ତାହାକୁ ଅଭ୍ୟର୍ଥନା ଗୃହରେ ବସୁଥିବା ଇନ୍ସପେକ୍ଟରଙ୍କ ନିକଟକୁ ପଠାଇବା ଡିସିଓଙ୍କ ଦାୟିତ୍ୱ। ସେଠାରୁ ମାମଲା କରାଯିବା ନିର୍ଦ୍ଦେଶ ଆସିବା ପରେ ଡିସିଓ ଥାନା ଅଧିକାରୀଙ୍କ ନିକଟକୁ ଅଭିଯୋଗପତ୍ର ନେଇ ଯାଇଥାନ୍ତି। ଏତେ ସବୁ ବ୍ୟବସ୍ଥା ଥିଲେ ବି ଅନୁଗୋଳ ଥାନାରେ ଗୁରୁବାର ରାତିରୁ ଶୁକ୍ରବାର ସନ୍ଧ୍ୟାରେ ଗିରଫ ହେବା ପର୍ଯ୍ୟନ୍ତ ଅଟକ ଥିବା ରେଞ୍ଜର କଲେଜର କନିଷ୍ଠ କିରାଣି ବିଶ୍ୱଜିତଙ୍କ ନିକଟରୁ କିପରି ଓ କିଏ ଛୁଟି ଦରଖାସ୍ତରେ ଦସ୍ତଖତ ନେଲା ତାହା ଏବେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କିଛି ଜାଣି ନ ଥିବା କହିଛନ୍ତି। ତେବେ କନିଷ୍ଠ କିରାଣିଙ୍କ ବିରୋଧରେ ଅଭିଯୋଗ ଆଣିଥିବା ମହିଳା ଫରେଷ୍ଟରଙ୍କ ବୟାନ ୧୬୪ ଧାରାରେ ରେକର୍ଡ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

---

କନ୍ୟାଶ୍ରମରେ ନିର୍ଯାତନା ଅଭିଯୋଗ ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଅନୁଗୋଳ ଅଫିସ, ୪।୧

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା କ୍ଷୀରୋଦବାସିନୀ କନ୍ୟାଶ୍ରମରେ ଦୁଇ ଅନ୍ତେବାସୀ ଭଉଣୀଙ୍କୁ ନିର୍ଯାତନା ଦିଆଯିବା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ମନୋଜ କୁମାର ମହାନ୍ତି। ଦୁଇଦିନ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ଦେବା ସହ ନିକଟସ୍ଥ ବିଦ୍ୟାଳୟରେ ସମ୍ପୃକ୍ତା ଦୁଇ ଭଉଣୀଙ୍କ ନାମ ଲେଖାଇବା ବ୍ୟବସ୍ଥା କରିବାକୁ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପାଠପଢ଼ା ବଦଳରେ ଉକ୍ତ କନ୍ୟାଶ୍ରମରେ ଅନ୍ତେବାସୀଙ୍କୁ ଅଧିକ କାମ କରାଯାଉଥିବା ନେଇ ଶୁକ୍ରବାର ଦୁଇ ଭଉଣୀ ପିଉସୀଙ୍କ ସହ ଡିସିପିଓଙ୍କ ନିକଟରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଡିସିପିଓ ଜିଲାପାଳଙ୍କୁ ଅବଗତ କରିଥିଲେ। କିନ୍ତୁ ଜିଲାପାଳ ଛୁଟିରେ ଥିବାରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶନିବାର କାର୍ଯ୍ୟାଳୟରେ ଜିଲାପାଳ ପହଞ୍ଚିବା ପରେ ଡିସିପିଓଙ୍କୁ ଡାକି ଆଲୋଚନା କରିବା ସହ ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡିସିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯିବ। ଏହି ଟିମ୍ ଦୁଇ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। ଉକ୍ତ କନ୍ୟାଶ୍ରମରେ ଥିବା ଅନ୍ତେବାସୀଙ୍କ ମଧ୍ୟରୁ କେତେଜଣ ଆଉ ସେଠାକୁ ଆସୁନାହାନ୍ତି ଓ ତାହାର କାରଣ କ'ଣ ତାହା ଖୋଜିବାକୁ ଜିଲାପାଳ କହିଥିବାବେଳେ ସମ୍ପୃକ୍ତ ଛାତ୍ରୀମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢ଼ାଇବାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଅଭିଯୋଗରେ ସତ୍ୟତା ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି।

---

## ପୂର୍ତ୍ତ ବିଭାଗ ରାସ୍ତା ବିପର୍ଯ୍ୟସ୍ତ, ପଥଚାରୀ ହନ୍ତସନ୍ତ

କଣିହାଁ,୪।୧(ଡି.ଏନ.ଏ.)



କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ଆଶ୍ୱପଣ୍ଡ ମାଡୁଆ ଦେବୀ ମନ୍ଦିରଠାରେ ତାଳଚେର ପୂର୍ତ୍ତବିଭାଗର ୩ ଶହ ମିଟର ରାସ୍ତା ୨ ବର୍ଷ ହେଲା ଖାଲଖମାରେ ପରିଣତ ହୋଇଛି। ଫଳରେ ପଥଚାରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ସହିତ ଆଶ୍ୱପଣ୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ରାସ୍ତା ଅବସ୍ଥା ଏପରି ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହା ଉପରେ ଛେଣ୍ଡିପଦା, କଣିହାଁ ବ୍ଲକର ଚାଷୀ, ଅନାନ୍ୟ ସରକାରୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ଉପଭୋକ୍ତାମାନେ ନିର୍ଭର କରିଥାନ୍ତି। ବାରମ୍ବାର ବର୍ଜ୍ୟପାଣି ପରିଚାଳନା ତ୍ରୁଟିକୁ ନେଇ ରାସ୍ତାରେ ପାଣି ଜମିବା ସହ ଖାଲଖମା ସୃଷ୍ଟି ହେଉଛି। ଏହାଦ୍ୱାରା ଅନେକ ଚାଷୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଅଦିନିଆ ବର୍ଷାକୁ ନେଇ ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି। ସନ୍ଧ୍ୟାରେ ଅନେକ ଯାତ୍ରୀ ଖାଲରେ ପଡ଼ି ଆହତ ହୋଇଛନ୍ତି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିବା ସହ ରାସ୍ତାର ଉନ୍ନତୀକରଣ ପାଇଁ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ କୁନାଚରଣ ସିଂଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ। ଏନ୍‌ଟିପିସି ପାଉଁଶ ପରିଚାଳନା ଏଜିଏମ୍ ଅଶୋକ କୁମାର ସାମଲ କହିଛନ୍ତି, ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ଖୁବଶୀଘ୍ର ମରାମତି ସକାଶେ ଅର୍ଥ ପ୍ରଦାନ କରାଯିବ।

---

■ ସ୍ତ୍ରୀ ଫୋନ୍ ନ ଉଠାଇବାରୁ

## ଦେହରେ କିରୋସିନ ଢାଳି ନିଆଁ ଲଗାଇଲେ ସ୍ୱାମୀ

ସଜନାଗଡ଼, ୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୯ନଂ. ୱାର୍ଡ଼ ଅଧୀନ କାହାଲିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଫୋନ ନ ଉଠାଇବାରୁ କାହାଲିଆ ଗ୍ରାମର ଗୋପାଳ ସିଂ(୨୫) ନାମକ ଯୁବକ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ଗୋପାଳଙ୍କ ସହ ତାଙ୍କ ଘର କିଛି ଅଂଶ ମଧ୍ୟ ପୋଡିଯାଇଛି। ଗୋପାଳଙ୍କ ଚିତ୍କାର ଶୁଣି ପରିବାର ଲୋକ ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଗୋପାଳଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗୋପାଳ, ତାଙ୍କ ସ୍ତ୍ରୀ ଓ ୨ ପିଲାଙ୍କୁ ନେଇ ପରିବାର ସୁରୁଖୁରୁରେ ଚାଲୁଥିଲା। କିଛିଦିନ ପୂର୍ବେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏହି କାରଣରୁ ତାଙ୍କ ସ୍ତ୍ରୀ ବାପଘରେ ରହୁଥିଲେ। ଶନିବାର ଗୋପାଳ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ଏହି ଘଟଣାରେ ଗୋପାଳ ରାଗି ଯାଇ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ।

---

### ପଥରନାଳ ଠାକୁରାଣୀଙ୍କ ଯାତ୍ରା ପ୍ରସ୍ତୁତି

ଛେଣ୍ଡିପଦା,୪।୧(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ପଥରନାଳଠାରେ ଥିବା ଗିରି ଗୋବର୍ଦ୍ଧନ ଠାକୁର ଓ ମା' ରାମଚଣ୍ଡୀଙ୍କ ପୀଠସ୍ଥଳରେ ମକରସଂକ୍ରନ୍ତି ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେହୁରୀସାହି ଓ କୋଶଳା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୫ ତାରିଖରେ ମକରସଂକ୍ରାନ୍ତି ଉତ୍ସବ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ କମିଟି ସଭାପତି ବିପିନ ବିହାରୀ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ବେହେରା, ସାହି ସଭାପତି ଦଣ୍ଡଧର ଦେହୁରୀ, ସମ୍ପାଦକ ସପ୍ତେଶ୍ୱର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

---

## ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୪।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଝାଡ଼େଶ୍ୱରପୁର ଗ୍ରାମରେ ଭୁବନେଶ୍ୱରରୁ ଆସିଥିବା ଏସ୍‌ଟିଏଫ୍‌ର ଏକ ୧୫ଜଣିଆ ଟିମ୍ ଚଢାଉ କରି ଶେଖ ଲାଲବାବୁଙ୍କୁ ଗିରଫ କରିବା ସହ ୩୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଶନିବାର ସକାଳେ ଏହି ଟିମ୍ ଭଦ୍ରକ ରୁରାଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବ୍ରାଉନ୍‌ସୁଗାର ସହ ଗିରଫ କରିବା ପରେ ଜଳେଶ୍ୱରର ଲାଲବାବୁଙ୍କଠାରୁ ବ୍ରାଉନ୍‌ସୁଗାର କିଣି ବ୍ୟବସାୟ କରୁଥିବା ପ୍ରକାଶ କରିଥିଲେ। ପରେ ଏସ୍‌ଟିଏଫ୍ ଟିମ୍ ଜଳେଶ୍ୱରରେ ପହଞ୍ଚି ଜଳେଶ୍ୱର ଷ୍ଟେଶନ ବଜାର ଅଞ୍ଚଳରେ ଥିବା ଏକ ହୋଟେଲ ପଛପଟୁ ଶେଖ ଲାଲବାବୁଙ୍କୁ ବ୍ରାଉନ୍‌ସୁଗାର ସହ ଧରିବାରେ ସଫଳ ହୋଇଥିଲେ। ଜବତ ପରେ ଏସ୍‌ଟିଏଫ୍ ଟିମ୍ ଗିରଫ ଲାଲବାବୁଙ୍କ ଝାଡ଼େଶ୍ୱରପୁରସ୍ଥିତ ଘରକୁ ମଧ୍ୟ ଖାନତଲାସୀ କରିଥିବା ଜଣାପଡ଼ିଛି। ଏହି ବ୍ରାଉନ୍‌ସୁଗାର ବେପାରରେ ସ୍ଥାନୀୟ ଅଟୋ ମୋବାଇଲ ବ୍ୟବସାୟ କରୁଥିବା କେତେକ ବ୍ୟବସାୟୀ ଏହି କାରବାରରେ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ଚଢ଼ାଉରେ ଡିଏସ୍‌ପି ବୈଳାସିନୀ ପଣ୍ଡା, ଇନ୍ସପେକ୍ଟର ନୀଳକଣ୍ଠ ଦାସ, ବିରଞ୍ଚି ଦାସ ଓ ମନୋଜ ରାଉତ ପ୍ରମୁଖ ସାମିଲ ଥିବା କୁହାଯାଉଛି।

---

## ଅଦିନିଆ ବର୍ଷା, ମଣ୍ଡିରେ ଭିଜିଲା ଧାନ



ମଣ୍ଡିରେ ଥିବା ଧାନ ବସ୍ତା ଉପରେ ପାଲ ଘୋଡ଼ାଇ ଦିଆଯାଇଛି।

ଛେଣ୍ଡିପଦା,୪।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମର ସମବାୟ ସମିତିର ଧାନ ମଣ୍ଡିରେ ଥିବା ବହୁ କୁଇଣ୍ଟାଲ ଧାନ ଅଦିନିଆ ବର୍ଷାରେ ଭିଜିଯାଇଛି। ବ୍ରାହ୍ମଣବିଲ ସମବାୟ ସମିତି ଧାନମଣ୍ଡି ଖୋଲିବା ପରେ ୧୪ ଜଣ ଚାଷୀ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଆଣିଥିଲେ। କିନ୍ତୁ ଧାନ ନେବାକୁ ମିଲର ନ ଆସିବା ଯୋଗୁ ତାହା ବର୍ଷାରେ ଭିଜିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ମିଲର ଧାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଯଦି ମିଲର ଧାନ ନ ନିଅନ୍ତି ସମସ୍ତ କ୍ଷତିଗ୍ରସ୍ତ ଚାଷୀ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

---

# ସାରଳା ବିଶ୍ୱଭାଷା ସମ୍ମିଳନୀ ପଦଯାତ୍ରା

ଢେଙ୍କାନାଳ ଅଫିସ, ୪।୧

ଢେଙ୍କାନାଳ ସଦରରେ ଶନିବାର ସାରଳା ବିଶ୍ୱଭାଷା ସମ୍ମିଳନୀ ପାଇଁ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ମହାପ୍ରଭୁ ବଳାରାମଙ୍କ ମନ୍ଦିର ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଜିଲା ଲେଖକ ସଂସଦରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷକ, ବୁଦ୍ଧିଜୀବୀ, ସାହିତ୍ୟିକ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

ଲେଖକ ସଂସଦରେ ସାରଳା ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା, ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସରୋଜିନୀ ଦାସ, ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟାପକ ଡ. ଦେବାନନ୍ଦ ଦାସ, ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକ ଡ. ପୁଷ୍ପଲତା ରଥ, ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ ପ୍ରମୁଖ ସାରଳା ସାହିତ୍ୟ ଉପରେ ଆଲୋକପାତ କରଥିଲେ। ବିଷ୍ଣୁ ପ୍ରସାଦ ସାମଲ ଏହାକୁ ସଂଯୋଜନା କରିଥିଲେ।




ଜିଲାପାଳ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ଜାନୁୟାରୀ ୫ /୨୦୨୦, Dhenkanal, Sunday, January 5 / 2020

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଇଣ୍ଡା,୪।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନ୍ଧଣା ଗ୍ରାମର ଏକ ଆମ୍ବଗଛରୁ ଶନିବାର ସକାଳେ ସେହି ଗ୍ରାମର ମାନସ ନାୟକ(୨୧)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ତାଙ୍କ ବାପା ସହଦେବ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଛି। ପୋଲିସ କହିଛି, କିଛିଦିନ ହେବ ମାନସ କୌଣସି କାରଣରୁ ମାନସିକ ଅଶାନ୍ତିରେ ଥିଲେ। ଶୁକ୍ରବାର ରାତିରେ ଘରୁ ଚାଲିଯାଇ ସେ ନିକଟସ୍ଥ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଆଇଆଇସି ଗବାକ୍ଷ ନାୟକ, ଟାପଢୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ ପହଞ୍ଚି ମୃତଦେହ ଜବତ କରିଥିଲେ।

### ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ, ୩ ଗିରଫ

ବଇଣ୍ଡା,୪।୧(ଡି.ଏନ.ଏ.)- ୫୫ନଂ. ଜାତୀୟ ରାଜପଥର କିଶୋରନଗର ଥାନା ବାମୁର ନିକଟରେ ଥିବା ଏକ ଢାବା ଉପରେ ଶନିବାର ପୋଲିସ ଚଢାଉ କରି ସେଠାରୁ ଏକ ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଢାବା ମାଲିକ ଶୁଭେନ ପ୍ରଧାନ, ବୀରମହାରାଜପୁରର ମିନିଟ୍ରକ୍ ମାଲିକ ଧନସିଂ ପରିଡା ଓ ବୀରମହାରାଜପୁର ଥାନା ଗଉଡାଗୁଡା ଗ୍ରାମର ଚାଳକ ସୁଶୀଲ ଦେହୁରି। ପୋଲିସ କହିଛି, ଉକ୍ତ ଢାବାରୁ ପ୍ରତିଦିନ ଚୋରାରେ ବାହାରକୁ କୋଇଲା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଶନିବାର ଅପରାହ୍ନରେ ଏକ ମିନିଟ୍ରକ୍ (ନଂ. ଓଆର୧୫ଜି-୭୯୩୩)ରେ ଢାବାରୁ ଚୋରା କୋଇଲା ଚାଲାଣ ହେଉଥିବା ଖବରପାଇ ଆଇଆଇସି ପ୍ରତିଭା ମାଝି ଓ ଟିମ୍ ଚଢାଉ କରିଥିଲେ।

### ଦଲକ ପଞ୍ଚାୟତ ଅଞ୍ଚଳରେ ୧୭ ହାତୀ

କଣିହାଁ,୪।୧(ଡି.ଏନ.ଏ.)- କଣିହାଁ ବ୍ଲକ ହନୁମାନପୁର ଫରେଷ୍ଟ ସେକ୍ସନ ଦଲକ ପଞ୍ଚାୟତ ଅଞ୍ଚଳରେ ଏକ ସପ୍ତାହ ହେବ ହାତୀପଲ ଉପଦ୍ରବ କରୁଛନ୍ତି। ହାତୀ ଘଉଡ଼ାଇବାରେ ବନ ବିଭାଗ ବିଫଳତାକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ କ୍ଷୟକ୍ଷତିର ଆକଳନ କରିବା ସହ ହାତୀ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି କହିଛନ୍ତି, ଶନିବାର ପୋଇପାଳ ଗ୍ରାମ ନିକଟରେ ୧୭ଟି ହାତୀ ରହିଛନ୍ତି। କିପରି କାହାର କ୍ଷୟକ୍ଷତି ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ଘଉଡାଇବାକୁ ଉଦ୍ୟମ ଚାଲିଛି। ୩ ଦିନ ହେଲା ଉକ୍ତ ଅଞ୍ଚଳରେ ଟିମ୍‌କୁ ନେଇ ରାତିସାରା ରହୁଛି। କ୍ଷୟକ୍ଷତିର ଭରଣା ବିଧିମତେ କରାଯାଉଛି।

■ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

# ସାଜସଜ୍ଜା ସହ ଆକର୍ଷଣୀୟ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୪।୧**

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଚଳିତବର୍ଷ ସମସ୍ତ ସରକାରୀ ବିଭାଗ, ରାଷ୍ଟ୍ରାୟତ୍ତ ସଂସ୍ଥା ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଆଲୋକମାଳାରେ ସଜାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ତେବେ ବୈଠକରେ କେତେଜଣ ଅଧିକାରୀ ଯୋଗ ଦେଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସାଧାରଣତନ୍ତ୍ର ଦିବସ ପାଳନ ଦିନ ବିଭିନ୍ନ ସରକାରୀ ବିଭାଗ ଓ ରାଷ୍ଟ୍ରାୟତ୍ତ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯିବ। ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲାର ଜଣେ ଲେଖାଏ ବୁଥ୍‌ସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନୱାଡ଼ି ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ।



ଜିଲାପାଳଙ୍କ ସହ ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଡିଆଇପିଆର୍‌ଓଙ୍କୁ ତାଗିଦ୍**

**ଅନୁଗୋଳ ଅଫିସ, ୪।୧:** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅବ୍ୟବସ୍ଥା ପାଇଁ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଶରତ ଚନ୍ଦ୍ର ସେଠୀଙ୍କୁ ତାଗିଦ୍ କରିଥିବା ଦେଖାଯାଇଥିଲା। ବିଶେଷକରି ନିମନ୍ତ୍ରିତ ଖବରଦାତାମାନଙ୍କୁ ବସିବାକୁ ଚୌକି ପ୍ରଦାନ କରାଯାଇ ନ ଥିଲା। ଏହାକୁ ନେଇ ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରିବା ପରେ ଚୌକି ବ୍ୟବସ୍ଥା କରାଯାଇଥିଲା। ଜିଲାସ୍ତରୀୟ ଖବରଦାତାମାନଙ୍କ ପାଇଁ କାହିଁକି ଚୌକି ବ୍ୟବସ୍ଥା କରାଯାଇନାହିଁ ବୋଲି ଜିଲାପାଳ ଡିଆଇପିଆର୍‌ଓଙ୍କୁ ପ୍ରଶ୍ନ କରିବା ସହ ଏହାର ପୁନରାବୃତ୍ତି ନ କରିବାକୁ କହିଥିବା ଦେଖାଯାଇଥିଲା।

ଏହାପୂର୍ବରୁ ସ୍କୁଲ ଓ କଲେଜଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ। ପରେଡ ଅଭ୍ୟାସ ୨୨ରୁ୨୪ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଷ୍ଟାଡିୟମ ପଡ଼ିଆରେ ସକାଳ ୮ଟାରେ ଅନୁଷ୍ଠିତ ହେବ। ତେବେ ସ୍ଥାନ ଅଭାବ କାରଣରୁ ୫୦ଟି ପ୍ଲାଟୁନ୍‌କୁ ପରେଡ ମାର୍ଚ୍ଚ ପାଷ୍ଟରେ ଅଂଶ ଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ସେହିପରି ବ୍ଲଡ ବ୍ୟାଙ୍କ ଓ ବିଭିନ୍ନ ସାମାଜିକ କର୍ମୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। କ୍ରୀଡ଼ା କ୍ଷେତ୍ରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ପୂର୍ବାହ୍ନ ୯.୧୫ରେ ଅନୁଗୋଳ ଷ୍ଟାଡିୟମଠାରେ ପତାକା ଉତ୍ତୋଳନ କରାଯିବ। ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶ୍ରେଷ୍ଠ ପୂଜା କମିଟି ଗୁଡ଼ିକୁ ଜିଲା ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ, ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

■ପୌରପାଳିକା ସ୍କ୍ୱାଡ୍‌ର ଚଢ଼ାଉ

# ଏକ କୁଇଣ୍ଟାଲ ପଲିଥିନ, ପ୍ଲାଷ୍ଟିକ ଜବତ




ଚଢ଼ାଉ ପରେ ପଲିଥିନ ଓ ପ୍ଲାଷ୍ଟିକ୍‌କୁ ଜବତ କରି ନିଆଯାଉଛି।

**ଅନୁଗୋଳ ଅଫିସ, ୪।୧**

ଅନୁଗୋଳ ପୌର ପରିଷଦ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ଲକ୍ଷ୍ମୀ ବଜାରରୁ ଏକ କୁଇଣ୍ଟାଲ ପଲିଥିନ ଓ ପ୍ଲାଷ୍ଟିକ ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଉକ୍ତ ଅଞ୍ଚଳର ଅନ୍ୟ ଏକ ଘରେ ବିପୁଳ ପରିମାଣର ପଲିଥିନ ଥିବା ନେଇ ସୂଚନା ଥିଲେ ମଧ୍ୟ ଉକ୍ତ ଘରର କୌଣସି ଲୋକଙ୍କୁ ନ ପାଇବାରୁ ଚଢ଼ାଉ କରାଯାଇ ପାରି ନ ଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଲକ୍ଷ୍ମୀ ବଜାରର ଏକ ଗୋଦାମ ଘରେ ବିପୁଳ ପରିମାଣରେ ପଲିଥିନ ଓ ପ୍ଲାଷ୍ଟିକ ଥିବା ନେଇ ପୌରପାଳିକା ନିକଟରେ ସୂଚନା ରହିଥିଲା। ଶନିବାର ପୂର୍ବାହ୍ନରେ ସେଠାରେ ଚଢ଼ାଉ ସମୟରେ ଗୋଦାମ ଘରେ ଥିବା ଲୋକେ ବିରୋଧ କରିଥିଲେ। ତଥାପି ପୌର ସ୍କ୍ୱାଡ୍ ଘର ଭିତରେ ପଶି ପଲିଥିନ ଓ ପ୍ଲାଷ୍ଟିକ ମହଜୁଦ ଥିବା ଦେଖିଥିଲେ। ପରେ ନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ଗୋଟିଏ କୁଇଣ୍ଟାଲ ପଲିଥିନ ଓ ପ୍ଲାଷ୍ଟିକ ଜବତ କରିଥିଲେ। ଉକ୍ତ ଘର ମାଲିକଙ୍କୁ ଚିହ୍ନଟ କରାଯାଇ ନ ଥିବାରୁ ଜରିମାନା ଆଦାୟ କରାଯାଇନାହିଁ। ଘର ମାଲିକଙ୍କ ସନ୍ଧାନ ମିଳିବା ପରେ ନୋଟିସ୍ ଜାରି କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି। ଏହା ପୂର୍ବରୁ ମଧ୍ୟ ପୌରପାଳିକା ଉକ୍ତ ଗୋଦାମରୁ ପଲିଥିନ ଓ ପ୍ଲାଷ୍ଟିକ ଜବତ କରିଥିଲା।

# ଇକୋ ପାର୍କରେ କ୍ୟାମେରା ପ୍ରଦର୍ଶନୀ



ଇକୋ ପାର୍କରେ ଚାଲିଥିବା କ୍ୟାମେରା ପ୍ରଦର୍ଶନୀ।

**ଅନୁଗୋଳ ଅଫିସ, ୪।୧**

ଅନୁଗୋଳ ଶିକ୍ଷକପଡ଼ା ଠାରେ ଥିବା ଇକୋ ପାର୍କରେ ଶନିବାର ଠାରୁ କ୍ୟାମେରା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରଦର୍ଶନୀକୁ ଓସିଏ ଉପସଭାପତି ଅକ୍ଷୟ କୁମାର ସାମନ୍ତ ଓ ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ବିନୋଦ ପଣ୍ଡା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଠାରେ ୧୯୩୯ ମସିହାର କ୍ୟାମେରା ଠାରୁ ଆରମ୍ଭ କରି ବର୍ତ୍ତମାନର ଅତ୍ୟାଧୁନିକ ଭିଡିଓ ଏବଂ ଷ୍ଟିଲ କ୍ୟାମେରା ପ୍ରଦର୍ଶନ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଫଟୋଗ୍ରାଫର ଓ କ୍ୟାମେରା ପ୍ରେମୀ ଏହି ପ୍ରଦର୍ଶନୀ ଦେଖିବାକୁ ଆସିଛନ୍ତି। ଅମ୍ବିକା ପ୍ରସାଦ ଦାସ ଓ ଅନନ୍ତ କୁମାର ନାୟକଙ୍କ ମିଳିତ ସହଯୋଗରେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଜଗଦୀଶ ନାୟକ, ମନୋଜ କୁମାର ପାଳ, ଛବିଳ କୁମାର ସାହୁଙ୍କ ସମେତ ଅନେକ ସଦସ୍ୟ ସହଯୋଗ କରୁଛନ୍ତି।

# ବନ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ, ଜଣେ ଗିରଫ

**କଣିହାଁ,୪।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳର କର୍ମଚାରୀଙ୍କୁ ମାରପିଟ୍ ଅଭିଯୋଗରେ କଣିହାଁ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଏସଆଇ ପ୍ରଶାନ୍ତ ସେଠୀ କହିଛନ୍ତି, ଗତ ୨ ତାରିଖରେ କଣିହାଁ ବନାଞ୍ଚଳ ଅଧୀନ ହନୁମାନପୁର ଫରେଷ୍ଟ ସେକ୍ସନର ଦଲକ ପଞ୍ଚାୟତ ଅଞ୍ଚଳରେ ହାତୀପଲଙ୍କୁ ଘଉଡାଇବା ପାଇଁ ଫରେଷ୍ଟର ଅରୁଣ ପ୍ରଧାନ ସ୍କ୍ୱାଡ୍ ଧରି ଯାଇଥିଲେ। ଟିଟିରିମା ଗ୍ରାମର ପରମା ବେହେରା ଓ ତାଙ୍କ ଭାଇ ପୁରନ୍ଦର ବେହେରା ସ୍କ୍ୱାଡ୍‌କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥିରେ ଫରେଷ୍ଟର ପ୍ରଧାନଙ୍କ ସହିତ ଗାଡ଼ିଚାଳକ ସନ୍ତୋଷ ସାହୁ, କର୍ମଚାରୀ ପ୍ରଶାନ୍ତ ପ୍ରଧାନ ଆହତ ହୋଇଥିଲେ। ଶୁକ୍ରବାର ରେଞ୍ଜ ଅଫିସର ନୀଳମଣି ଦେହୁରୀଙ୍କ ଅଭିଯୋଗକ୍ରମେ ନଂ. ୧/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକୁ ନେଇ ପରମାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ଫେରାର ଅଛନ୍ତି।

■ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘ଦେଶ ନିର୍ମାଣ ପାଇଁ ପ୍ରସ୍ତୁତ ହୁଅ’




ବାର୍ଷିକ ଉତ୍ସବ ଅବସରରେ ଯୋଗ ଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

**ବନ୍ତଳା,୪।୧(ଡି.ଏନ.ଏ.)**

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ଅଧିକାରୀ ଅତୁଲ୍ୟ କୁମାର ଚମ୍ପତିରାୟ, ମୁଖ୍ୟବକ୍ତା ଭାବେ ମନ୍‌ସା ପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ସତ୍ୟାନନ୍ଦ ସାହୁ ଓ ଡିଏଭି ତାଳଚେର ଥର୍ମାଲର ପ୍ରିନ୍ସିପାଲ ନିଶିକାନ୍ତ କର ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ନିଜ ଚରିତ୍ର ନିର୍ମାଣ ସହ ଦେଶର ଭବିଷ୍ୟତ ନିର୍ମାଣରେ ଯୋଗଦାନ କରିବା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ବିଦ୍ୟାଳୟରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା କଚ୍ଚାରାସ୍ତାକୁ ପକ୍କା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶୀଘ୍ର କାର୍ଯ୍ୟାରମ୍ଭ କରିବା ଲାଗି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ମିଶ୍ର ଡିଜିଟାଲ ଯୁଗ ସହିତ ତାଳଦେଇ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥି ସାହୁ ଛାତ୍ରୀଛାତ୍ରଙ୍କ ଠାରେ ମାନବିକ ମୂଲ୍ୟବୋଧର ବିକାଶ ପାଇଁ ଉଭୟ ଅଭିଭାବକ ଓ ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ରାଉତଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରକାଶ କୁମାର ଦାଶ, ସାରଦା ଶତପଥୀ, ସବ୍‌ନମ୍ ଅଲମ୍‌ୀ ଓ ଦେବରାଜ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

■ଇଞ୍ଜିନରେ ତ୍ରୁଟି, ୫ ଘଣ୍ଟା ଅଟକିଲା ତପସ୍ୱିନୀ

# ପାଣି ନ ପାଇ ଯାତ୍ରୀ ହନ୍ତସନ୍ତ

**ବଇଣ୍ଡା,୪।୧(ଡି.ଏନ.ଏ.)**

ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ ନଂ.୧୮୪୫୨ ଇଞ୍ଜିନରେ ତ୍ରୁଟି ଯୋଗୁ ଶନିବାର ଅନୁଗୋଳ ଓ ବାମୁର ଷ୍ଟେଶନରେ ଦୀର୍ଘ ୫ ଘଣ୍ଟା ଅଟକି ରହିଥିଲା। ଫଳରେ ପିଇବା ପାଣି ପାଇଁ ଯାତ୍ରୀଙ୍କୁ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଉକ୍ତ ଟ୍ରେନ୍‌ରେ ଯାତ୍ରା କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା

**ଟୁଇଟ୍ କରି କ୍ଷୋଭ ପ୍ରକାଶ କଲେ ଏମ୍‌ପି**

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମଧ୍ୟ ଟୁଇଟ୍ କରି କ୍ଷୋଭ ପ୍ରକାଶ କରିଥିଲେ। ତେବେ ଇଞ୍ଜିନ ବଦଳାଯିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ପଥରେ ଯାଇଥିବା ଜଣାପଡ଼ିଛି।

ଶୁକ୍ରବାର ରାତିରେ ପୁରୀ ଷ୍ଟେଶନ ଛାଡ଼ିଥିବା ତପସ୍ୱିନୀ ଏକ୍ସପ୍ରେସ୍ ଅନୁଗୋଳ ଷ୍ଟେଶନରେ ରାତି ୨ଟା ୧୩ରେ ପହଞ୍ଚିଥିଲା। ସେଠାରେ ଇଞ୍ଜିନରେ ତ୍ରୁଟି ଦେଖାଦେବାରୁ ୨ ଘଣ୍ଟା ବିଳମ୍ବ ଅର୍ଥାତ ୪ଟା ୦୫ରେ ସମ୍ବଲପୁର ଅଭିମୁଖେ ଛାଡିଥିଲା। ଭୋର ୪ଟା ୪୫ରେ ଏକ୍ସପ୍ରେସ୍ ଅନୁଗୋଳ ଜିଲାର ବଇଣ୍ଡା ଷ୍ଟେଶନ ଓ ବାମୁରରେ ସକାଳ ୫ଟା ୩୬ରେ ପହଞ୍ଚିଥିଲା। ହେଲେ ଇଞ୍ଜିନର ଚକ ଜାମ ହୋଇଯିବାରୁ ସେଠାରେ ଟ୍ରେନ୍‌ଟି ୩ ଘଣ୍ଟା ଅଟକି ରହିଥିଲା। ହଣ୍ଡପାରୁ ଏକ ନୂଆ ଇଞ୍ଜିନ ଅଣାଯାଇ ଟ୍ରେନ୍‌ରେ ଲଗାଯିବା ପରେ ସକାଳ ୮ଟା ୪୦ରେ ତାହା ହାଟିଆ ଅଭିମୁଖେ ଯାତ୍ରା କରିଥିଲା। ଏ ନେଇ ବାମୁର ଷ୍ଟେଶନ ମାଷ୍ଟର ରଞ୍ଜିତ କୁମାର ମହାନ୍ତି କହିଛନ୍ତି, ଚକ ଜାମ ଯୋଗୁ ଟ୍ରେନ୍ ଆଗକୁ ଗଡ଼ିପାରି ନ ଥିଲା। ଇଞ୍ଜିନ ପରିବର୍ତ୍ତନ ପାଇଁ ଏହି ବିଳମ୍ବ ହୋଇଥିଲା।



ବାମୁର ଷ୍ଟେଶନରେ ଅଟକିଥିବା ତପସ୍ୱିନୀ ଏକ୍ସପ୍ରେସ୍।

■ଅସହାୟ ଅବସ୍ଥାରେ ମା’,ପୁଅ

# ବିଛଣାରେ ବିତିଲାଣି ୨୦ ଦିନ

**ବନ୍ତଳା,୪।୧(ଡି.ଏନ.ଏ.)**

ପୁଅ ମାନସିକ ରୋଗୀ। ୫୦ ବର୍ଷ ହେଲା ପୁଅର ସେବା କରୁଥିବା ମା’ ବି ଏବେ ଶଯ୍ୟାଶାୟୀ। ଶରୀରର ଗୋଟିଏ ପାର୍ଶ୍ୱ ଅଚଳ ହୋଇଯାଇଥିବାରୁ ୨୦ ଦିନ ହେଲା ସେ ବିଛଣାରୁ ଉଠିପାରୁନାହାନ୍ତି। ସେବା କରିବାକୁ କେହି ସମ୍ପର୍କୀୟ ନ ଥିବାରୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଭୋକ ଉପାସରେ ଦୁହେଁ ଘର ମଧ୍ୟରେ ପଡ଼ି ରହିଛନ୍ତି। ଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମା’ ଓ ପୁଅଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ଅତ୍ୟନ୍ତ ଅସହାୟ ହୋଇପଡ଼ିଥିବା ଏହି ମା’ ଓ ପୁଅ ହେଲେ ଅନୁଗୋଳ ଜିଲା ବନ୍ତଳା ଥାନା ନନ୍ଦପୁର ପଞ୍ଚାୟତ ମାଧପୁର ଗ୍ରାମର ପାତି ନାଏକ(୭୦) ଏବଂ ପ୍ରମୋଦ ନାଏକ(୫୦)। ସ୍ୱାମୀ ପ୍ରଭାସିଆ ନାଏକ ଛାଡ଼ି ଚାଲିଯିବା ପରେ ୩୦ ବର୍ଷ ହେଲା ମାନସିକ ରୋଗୀ ପୁଅ ପ୍ରମୋଦଙ୍କୁ ନେଇ ପାତି କଷ୍ଟେମଷ୍ଟେ ଚଳି ଆସୁଥିଲେ। ସରକାରଙ୍କ ପକ୍ଷରୁ ପାତିଙ୍କୁ ବିଧବା ଭତ୍ତା ବାବଦକୁ ୫ ଶହ ଟଙ୍କା ଓ ପ୍ରମୋଦଙ୍କୁ ୭ ଶହ ଟଙ୍କାର ଦିବ୍ୟାଙ୍ଗ ଭତ୍ତା ସହ ମାସକୁ ୧୦ କିଲୋଗ୍ରାମ ଚାଉଳ ମିଳୁଛି। କିନ୍ତୁ ରହିବା ପାଇଁ ସେମାନଙ୍କର ଘରଟିଏ ନାହିଁ କି ସେବା କରିବାକୁ କେହି ସମ୍ପର୍କୀୟ ମଧ୍ୟ ନାହାନ୍ତି। ସାନ ଦିଅରଙ୍କ ମୃତ୍ୟୁ ପରେ ଉଭୟ ମା’ ଓ ପୁଅ ତାଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ୨୦ ଦିନ ତଳେ ନାଳକୁ ଗାଧୋଇବା ପାଇଁ ଯାଇଥିବା ବୃଦ୍ଧା ପାତି ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଘରେ ଶୁଆଇ ଦେବା ପରଠାରୁ ସେ ଆଉ ବିଛଣାରୁ ଉଠି ପାରୁ ନାହାନ୍ତି। ଉଚ୍ଚ ରକ୍ତଚାପ ଯୋଗୁ ତାଙ୍କର ଗୋଟିଏ ପାର୍ଶ୍ୱ ଅଙ୍ଗ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ପଡ଼ୋଶୀ ଦମୟନ୍ତୀ ନାଏକ କିଛି ଖାଇବାକୁ ଦେଲେ ସେମାନଙ୍କ ପେଟରେ ଦାନା ପଡୁଛି ନ ହେଲେ ଉପାସରେ ରହିବାକୁ ପଡୁଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଉଭୟ ମା’ ଓ ପୁଅଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ଭୋକ ଉପାସରେ ପଡ଼ିଥିବା ମା ଓ ପୁଅ।

■କାନ୍ଥରେ ଝୁଲିଲା ଫଟୋ, ମିଳିଲା ଗିଫ୍ଟ

# ମାଷ୍ଟର୍ସ ସେଫ୍‌ରେ କାକରା କରି ସ୍ମୃତିଶ୍ରୀ ପ୍ରଶଂସିତ

**ଅନୁଗୋଳ ଅଫିସ, ୪।୧**

ଷ୍ଟାର ପ୍ଲସ୍‌ର ରିୟଲିଟି ଶୋ’ ମାଷ୍ଟର୍ସ ସେଫ୍‌ରେ ଶନିବାର ଶ୍ରେଷ୍ଠ ଡିସ୍ ବନାଇ ବିଚାରକଙ୍କ ମନ ଜିଣିଛନ୍ତି ଅନୁଗୋଳର ଝିଅ ସ୍ମୃତିଶ୍ରୀ ସିଂହ। ବିଶ୍ୱ ଗ୍ରାଣ୍ଡ ଡିସ୍ କାନ୍ଥରେ ସ୍ମୃତିଙ୍କ ଫଟୋ ଲଗାଯିବା ସହ ତାଙ୍କୁ ଗିଫ୍ଟ ମଧ୍ୟ ପ୍ରଦାନ କରାଯାଇଛି।

ସ୍ମୃତିଶ୍ରୀ ମାଷ୍ଟର୍ସ ସେଫ୍‌ରେ ଓଡ଼ିଆ ଘରର କାକରା ପିଠା ଡିସ୍ ପ୍ରସ୍ତୁତ କରିଥିଲେ। ଉକ୍ତ ଡିସ୍‌କୁ ମାଷ୍ଟର୍ସ ଚିଫ୍ ରଣବୀର ବ୍ରାର ଟେଷ୍ଟ କରିବା ପରେ ସ୍ମୃତିଶ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଏପରି କି ଆଜି ଠାରୁ କାକରା ପିଠା ଆମର ଡ଼ିସ୍ ବୋଲି ମତ ଦେଇଥିଲେ। ଏହାପରେ ବିନିତ୍ ଭାଟିଆ ଓ ବିକାଶ ଖାନ୍ନା ମଧ୍ୟ କାକରା ଡିସ୍‌କୁ ପ୍ରଶଂସା କରିଥିଲେ। ସ୍ମୃତିଶ୍ରୀଙ୍କ ଏପରି ସଫଳତାକୁ ନେଇ ବେଶ୍ ଖୁସିବ୍ୟକ୍ତ କରିଛନ୍ତି ତାଙ୍କ ମା’ ରୀତା ସିଂହ। ଝିଅ ଆହୁରି ଆଗକୁ ଯିବା ପାଇଁ ଏହା ଏକ ପ୍ରେରଣା ହେବ ବୋଲି ମା’ ରୀତା ସିଂହ ପ୍ରକାଶ କରିଛନ୍ତି।




ସ୍ମୃତିଶ୍ରୀ ସିଂହ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ